# Akashvani, Sambalpur

## SAMBALPURI NEWS EVENING BULLETIN

## 12 January 2026 - 7.02 pm- 7.12 pm.

*******************************************

୧- ସ୍ୱାମୀ ବିବେକାନନ୍ଦଙ୍କର୍ ଜୟନ୍ତୀ ଅବ୍‌ସରେ ସାରା ଦେଶେ ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଯୁବ ଦିବସ୍ ।

- ବିକଶିତ ଭାରତ୍ ଯୁବ ନେତୃତ୍ୱ ବାର୍ତାଲାପ -୨୦୨୬ ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ରାଜ୍ୟର୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଛାତ୍ରଛାତ୍ରୀମାନେ ଗାଏଲେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ।

୨- ଫେବୃଆରୀ ୧ ତାରିଖ୍ ଦିନ ଲୋକ୍‌ସଭା ନ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ୍ କର୍‌ବେ ଅର୍ଥମନ୍ତ୍ରୀ ।

ଆଉର୍

୩- ପୂର୍ତ ଆଉ ପରିବହନ୍ ବିଭାଗ୍‌ର ୬ ହଜାର୍ ୭ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ୭୧ ଟା ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

-ସଡ଼କ୍ ସୁରକ୍ଷା ସମ୍ମାନ୍ ଯୋଜ୍‌ନାର୍ କଲେ ଶୁଭାରମ୍ଭ ।

ସର୍ବଶ୍ରେଷ୍ଠ ବୈଦିକ ଦର୍ଶନର ଦାର୍ଶନିକ, ସମାଜ ସଂସ୍କାରକ ସ୍ୱାମୀ ବିବେକାନନ୍ଦଙ୍କର ଜୟନ୍ତୀକେ ଜାତୀୟ ଯୁବ ଦିବସ ଭାବେ ଆଏଜ୍ ପାଲନ୍ କରାଯାଉଛେ । ସ୍ୱାମୀ ବିବେକାନନ୍ଦଙ୍କର ଦର୍ଶନ୍ ଆର୍ ଆଦର୍ଶକେ ସୁର୍‌ତା କର୍‌ବାର୍ ଆଉ ଦେଶର୍ ବିକାଶଧାରାଥି ଯୁବ ପିଢ଼ୀର୍ ଭୂମିକାକେ ଜୋର୍ ଦେବାର୍ ଲାଗି ୧୯୮୫ ସାଲୁ ସାରା ଦେଶେ ଇ ଦିବସ ପାଲନ୍ କରାଯାଉଛେ । ସମାଜ ସଂସ୍କାରକ ଭାବେ ଖାଲି ଭାରତ ନୁହେଁ, ୟୁରୋପ୍, ଆମେରିକା ଆର୍ ଏସିଆ ମହାଦେଶ ନ ସ୍ୱାମୀ ବିବେକାନନ୍ଦ ନାଁ ରଖିଥିଲେ । 'ନିଜ୍‌କେ ବର୍‌କସ୍ କର୍‌ବାର୍, ପୁର୍‌ଥିକେ ପ୍ରଭାବିତ୍ କର୍‌ବାର୍ ବାର୍ତା ନେଇକରି ଇ ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ ।

ଜାତୀୟ ଯୁବ ଦିବସ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ବାର୍ତାଥି କହିଛନ୍ , ସ୍ୱାମୀ ବିବେକାନନ୍ଦ ଥିଲେ ଝନେ କାଳଜୟୀ, ଦୂରଦୃଷ୍ଟି ସମ୍ପନ୍ନ ଆଉ ଆଧ୍ୟାତ୍ମିକତାର୍ ପ୍ରତୀକ୍ । ଆନ୍ତରିକ ଶକ୍ତି ଆଉ ମାନବ୍ ସେବା ଜୀବନ୍‌ର ଆଧାର୍ ଆଏ ବଲି ସ୍ୱାମୀଜୀ ପ୍ରଚାର୍ କରୁଥିଲେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁବ ଦିବସ୍ ଅବ୍‌ସରେ ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି

କହିଛନ୍, ଭାରତ୍‌ର ଯୁବଶକ୍ତିକେ ସ୍ୱାମୀ ବିବେକାନନ୍ଦଙ୍କର୍ ଶିକ୍ଷା ଆର୍ ଆଦର୍ଶ ତହଁକଉଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ବାର୍ତାଲାପ- ୨୦୨୬ଥି ଯୋଗ୍ ଦେଇକରି ଦେଶର୍ ୩ ହଜାର୍ ଯୁବ ନେତୃତ୍ୱଙ୍କର୍ ସହେତେ ଆଲୋଚନା କରିଛନ୍ । ଇ ଅବ୍‌ସରେ ୧୦ ଟା ମୁଖିଆ ବିଷୟବସ୍ତୁ ଉପ୍‌ରେ ତିଆର୍ ହେଇଥିବା ବଛା ବଛା ଦୃଷ୍ଟିକୋଣକେ ପ୍ରତିଯୋଗୀମାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାମ୍ନା ନ ଉପସ୍ଥାପନ୍ କରିଛନ୍ ।

ଭୁବ୍‌ନେଶ୍ୱର୍ ଉତ୍କଳ ବିଶ୍ୱବିଦ୍ୟାଳୟ ନ ହେଇଥିବା ଜାତୀୟ ଯୁବ ଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍, ସ୍ୱାମୀଜୀଙ୍କର୍ ପ୍ରଦର୍ଶିତ ଲକ୍ଷ୍ୟଥି ଆମେ ସଭେ ଆଗ୍‌କେ ଯାଉଛୁ । ତାଙ୍କର୍ ଆଦର୍ଶକେ ନେଇକରି ଆଗ୍‌କେ ବଢ଼୍‌ଲେ ସବୁ କ୍ଷେତ୍ରଥି ସଫଲତା ମିଳିପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ଅଛନ୍ ।

ବନ୍ଦେ
ମାତରମ/ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର/କଲାହାଣ୍ଡି/ଦେବ୍ଗଡ଼୍

ରାଜ୍ୟର୍ ସବୁ ସର୍କାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ଆଏଜ୍ ଜାତୀୟ ଯୁବ ଦିବସ୍ ଆଉ ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ଅବ୍ସରେ ସାମୂହିକ୍ ବନ୍ଦେ ମାତରମ୍ ଗାନ୍ କରାଯାଇଛେ । ଇ ଅବ୍ସରେ ଛାତ୍ରଛାତ୍ରୀମାନେ ଆତ୍ମନିର୍ଭର୍ ଭାରତ୍ ସ୍ୱଦେଶୀ ସଂକଳ୍ପ ପାଠ ଭିଲ୍ କରିଛନ୍ । ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପରିସର୍ ନ ଭାରପ୍ରାପ୍ତ କୁଳପତି ପ୍ରଫେସର୍ ସୁଶାନ୍ତ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାଇଥିଲେ । ଇ ଅବ୍ସରେ ଭାରତୀୟତାର୍ ଦିଗେ ନିଷ୍ଠା ଆଉ ସମର୍ପଣ୍ ବାବ୍ଦେ ଶପଥ୍ ପାଠ୍ କରାଯାଇଥିଲା । ଜିଲ୍ଲାର୍ ଶିକ୍ଷାନୁଷ୍ଠାନ୍ ମାନ୍କେ ଭିଲ୍ ଛାତ୍ରଛାତ୍ରୀମାନେ ବନ୍ଦେମାତରମ୍ ଗାଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଆଉ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ନ ଛାତ୍ରଛାତ୍ରୀମାନେ ସାମୂହିକ୍ ବନ୍ଦେ ମାତରମ୍ ଗାଇଥିଲେ । ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସହେତେ ଜିଲ୍ଲାର୍ ଶିକ୍ଷାନୁଷ୍ଠାନ୍ ମାନ୍କେ ବନ୍ଦେ ମାତରମ୍ ଗାଏବାର୍

ସହେତେ ଫି’ ଶିକ୍ଷାନୁଷ୍ଠାନ୍ ନ ୫ନେ ଲେଖା ଛାତ୍ରଙ୍କୁ ଆମନିର୍ଭର୍ ଭାରତ୍‌ର ଆମ୍ବାସାଡ଼ର୍ ଭାବେ ମନୋନୀତ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଲୟ ସହେତେ ସବୁ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାଏବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଭୋକାଲ୍ ଫର୍ ଲୋକାଲ୍ ଆହ୍ୱାନ୍‌କେ ସାକାର୍ କର୍‌ବାର୍ ଲାଗି ଶପଥ୍ ନେଇଥିଲେ । ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଲୟ ସହେତେ ଜିଲ୍ଲାର୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଭିଲ୍ ସାମୂହିକ୍ ବନ୍ଦେ ମାତରମ୍ ଗାଇଥିଲେ ।

ସ୍ୱାମୀ ବିବେକାନନ୍ଦଙ୍କର୍ ପ୍ରତିମୂର୍ତ୍ତି ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା ମହାବିଦ୍ୟାଲୟ ନ ଜାତୀୟ ଯୁବ ଦିବସ୍ ଅବ୍‌ସରେ ସ୍ୱାମୀ ବିବେକାନନ୍ଦଙ୍କର୍ ପ୍ରତିମୂର୍ତ୍ତି ଉନ୍ମୋଚିତ ହେଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ପ୍ରତିମୂର୍ତ୍ତିର୍ ଉନ୍ମୋଚନ୍ କରିଛନ୍ । ଛାତ୍ରଛାତ୍ରୀମାନେ ବିବେକାନନ୍ଦଙ୍କର୍ ନୀତି, ଆଦର୍ଶଥି ଅନୁପ୍ରାଣିତ ହେବାର୍ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

କେନ୍ଦ୍ରୀୟ ବଜେଟ୍        ଏନ୍ଏସ୍ଡି

କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଫେବୃଆରୀ ୧ ତାରିଖ୍ ଦିନ ଲୋକ୍ସଭା ନ ଉପସ୍ଥାପିତ୍ ହେବା । ଦିନର୍ ୧୧ ବଜେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଲୋକ୍ସଭା ନ ବଜେଟ୍ ଉପସ୍ଥାପନ୍ କର୍‌ବେ । ସଂସଦ୍‌ର ବଜେଟ୍ ଅଧିବେଶନ୍ ଇ ମାସର୍ ୨୮ ତାରିଖ୍‌ନୁ ମୁଲ୍ ହେଇକରି ଏପ୍ରିଲ୍ ୨ ତାରିଖ୍‌ତକ୍ ଚାଲ୍‌ବା ବଲି ଲୋକ୍ସଭା ବାଚସ୍ପତି ଓମ୍ ବିର୍ଲା ସୂଚ୍‌ନା ଦେଇଛନ୍ । ବଜେଟ୍ ଅଧିବେଶନ୍‌ର ପହେଲା ଖେପ୍ ଜାନୁଆରୀ ୨୮ ନୁ ଫେବୃଆରୀ ୧୩ ତାରିଖ୍‌ତକ୍ ଆଉ ୨ ନମ୍ବର୍ ଖେପ୍ ମାର୍ଚ୍ଚ ୯ ତାରିଖ୍‌ନୁ ଏପ୍ରିଲ୍ ୨ ତାରିଖ୍‌ତକ୍ ହେବା ବଲି ଆଘୋନୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଉଦ୍‌ଘାଟନ୍        ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍ସେବା ଭବନ୍ ନ ଆଏଜ୍ ୬ ହଜାର୍ ୭ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ୭୧ ଟା ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ସେଥିର୍ ଭିତ୍‌ରେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ୧୪ ଟା ନୂଆଁ ଅଟଲ୍ ବସ୍‌ଷ୍ଟାଣ୍ଡ ଲୋକାର୍ପଣ୍ ହେଇଛେ । ଇତାର୍

ସହେତେ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ନ ୧୫ ଟା ଚାର୍ଜିଂ ଷ୍ଟେସନ୍, କଲିଙ୍ଗା ଘାଟି ନ ସତର୍କ ସୂଚନା ଘଂଟି, ରାଜ୍ୟ ସଡ଼କ୍ ପରିବହନ୍ ନିଗମ୍‌ର ବସ୍ ଯାତ୍ରା ଲାଗି ସ୍ମାର୍ଟ କାର୍ଡ଼୍, ସଡ଼କ ପରିବହନ୍ ନିଗମ୍‌ର ୪୬ କୋଟି ଟଙ୍କାର୍ ଶହେ ଟା ନୂଆଁ ବି.ଏସ୍ -୬ ମାନର ବସ୍‌ର ଶୁଭାରମ୍ଭ କରିଛନ୍ । ଇତାର୍‌ସହେତେ ୩ ହଜାର୍ ୬ ଶହ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ହେବାର୍‌କେ ଥିବା ନୂଆଁ ଲୋକ୍‌ସେବା ଭବନ୍ ଆଉ ୯ ଶହ ୫୨ କୋଟି ଟଙ୍କାଥି ଜୟଦେବ୍ ବିହାର୍‌ନୁ ନନ୍ଦନ୍‌କାନନ୍‌କେ ନୂଆଁ ଅଲିଭେଟେଡ଼୍ କରିଡର୍‌ର ଭିଲ୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସଡ଼କ୍ ସୁରକ୍ଷା ସମ୍ମାନ୍ ଯୋଜ୍‌ନାର୍ ଶୁଭାରମ୍ଭ କରିକରି ସଡ଼କ ସୁରକ୍ଷାକେ ଆଏଜ୍‌ଠାନୁ ସୁଶାସନ୍‌ର ଗୁଟେ ଅଂଶ ଭାବେ ଗ୍ରହଣ୍ କରାଗଲା ବଲି କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଦେବ୍‌ଗଡ଼୍-ଅଟଲ୍ ବସ୍‌ଷ୍ଟେଣ୍ଡ୍ ଦେବ୍‌ଗଡ଼୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ଆଉ ରିଆମାଲ୍ ବ୍ଲକ୍ ନ ନୂଆଁ ଅଟଲ୍ ବସ୍‌ଷ୍ଟେଣ୍ଡ୍‌କେ ଆଭାସୀ ଜରିଏ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନୀ ସମାରୋହଥି ଦେବ୍‌ଗଡ଼୍ ବିଧାୟକ୍ ରାମାଂଚ

ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ, ଜିଲ୍ଲା ପରିଷଦ୍ ଉନ୍ନୟନ୍ ଅଧିକାରୀ ରାଜେନ୍ଦ୍ର କୁମାର୍ ମିଞ୍ଜ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଉପମୁଖ୍ୟମନ୍ତ୍ରୀ- ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ବ୍ଲକ୍ ନ ଲୁକ୍‌କର୍ ଯିବାର୍ ଆସ୍‌ବାର୍ ସୁବିଧା ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ୪ ଟା ନୂଆଁ ବ୍ରିଜ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ଜାଗା ନ ଇ ୪ ଟା ବ୍ରିଜ୍ ପାଖାପାଖି ୩୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବା । ଇତାର୍ ଜରିଏ ଆଖର୍ ପାଖର୍ ଲୁକେ ଲାଭ ପାଏବେ । ସେନ୍ତା ଜିଲ୍ଲାର୍ ବେଲ୍‌ପଡ଼ା ବ୍ଲକ୍ ନ ଅପର୍‌ଲାନ୍ଥ ପ୍ରକଳ୍ପର୍ ମାଏଟ୍‌ବନ୍ଧା ତିଆର୍ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭୂମିପୂଜନ୍ କରିଛନ୍ । ଇ ପ୍ରକଳ୍ପ ୨୦୨୭ ମସିହା ଡିସେମ୍ବର୍ ମାସ୍‌ତକ୍ ଶେଷ୍ କର୍‌ବାର୍‌କେ ଲକ୍ଷ୍ୟ ରହିଛେ । ପ୍ରକଳ୍ପ ଜରିଏ ୧୦ ଟା ପଂଚାୟତ୍‌ର ୨୫ ଟା ଗାଁର୍ ଲୁକେ ଲାଭ୍ ପାଏବେ । ଇ ଅବ୍‌ସରେ ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଭିଲ୍ ଉପସ୍ଥିତ୍ ଥିଲେ ।

ପାରାଦ୍ୱୀପ୍ ମହାବିଦ୍ୟାଳୟ-ଦକ୍ଷତା କେନ୍ଦ୍ର ଆଇ.ଆଣ୍ଡ୍.ପି.ଆର୍

ପାରାଦ୍ୱୀପ୍ ମହାବିଦ୍ୟାଳୟ ନ ଆଏଜ୍ ରାଜ୍ୟର୍ ପହେଲା ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ୍ ହେଇଛେ । କେନ୍ଦ୍ରକେ ଶିକ୍ଷ ଆଉ ଦକ୍ଷତା ବକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ୍ କରିକରି ଦକ୍ଷତା କେନ୍ଦ୍ର, ଶିକ୍ଷା ଆଉ ନିଯୁକ୍ତି ଭିତ୍‌ରେ ସେତୁ ବାଗିର୍ କାମ୍ କର୍‌ବା । ଇ କେନ୍ଦ୍ରକେ ଖାଲି ଗୁଟେ ଶ୍ରେଣୀ କକ୍ଷ ଭାବେ ନାଇଁ ଭାବିକରି ଛାତ୍ରଛାତ୍ରୀମାନ୍‌କର୍ କେରିୟର୍‌ର ଲଂଚ୍‌ପେଡ୍ ଭାବେ ବେଭାର୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ସାଧାରଣ୍‌ତନ୍ତ୍ର ଦିବସ-ପ୍ରସ୍ତୁତି ସମ୍ବଲପୁର ସମ୍ବାଦଦାତା

ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହକେ ନେଇକରି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ୍ କୁମାର୍ ଭୋଇଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ର୍ ସୂଚ୍‌ନା ଅନ୍‌ସାରେ ଜାନୁଆରୀ ୨୬ ତାରିଖ୍ ଦିନ ସଖାଲର୍ ୫ ବଜେ ମହାନଗର୍ ନିଗମ୍ ଇଲାକା ନ ରାମ୍‌ଧୁନ୍ ପରିବେଷଣ୍ କରାଯିବାର୍ ଉତ୍‌ରୁ ବରପୁତ୍ରମାନ୍‌କର୍ ପ୍ରତିମୂର୍ତିଥି ଫୁଲ୍‌ମାଲା ଚଢ଼ାଯିବା । ସଖାଲର୍ ସାଢ଼େ ୮

ବଜେ ପୁଲିସ୍ ରିଜର୍ଭ ପଡ଼ିଆ ନ ମୁଖ୍ୟଅତିଥି ଜାତୀୟ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ଆଇଆଇଏମ୍- ଏମ୍‌ବିଏ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପାଠ୍ୟକ୍ରମ୍ -୨୦୨୬-୨୭ ଆଉ ପେଶାଜୀବୀଙ୍କର୍ ଲାଗି ଏମ୍‌ବିଏ ପାଠ୍ୟକ୍ରମ୍ ୨୦୨୬-୨୭ ବେଚ୍‌ର ଛାତ୍ରଛାତ୍ରୀଙ୍କର୍ ଲାଗି ୫ ଦିନିଆ ସିଇଟି ଇମୋସନ୍ ପ୍ରୋଗ୍ରାମ୍‌ର ଆୟୋଜନ୍ କରାଯାଇଛେ । ଇ ବଛର୍ କାର୍ଯ୍ୟକ୍ରମ୍‌ର ବିଷୟବସ୍ତୁ 'କାର୍ଯ୍ୟର ଭବିଷ୍ୟତ ଓ ସ୍ୱଭାବ: ଦକ୍ଷତା, ସଂସ୍କୃତି ଓ ସ୍ଥାୟିତ୍ୱ' ରଖାଯାଇଛେ ।

ତୀରନ୍ଦାଜ୍ ପ୍ରତିଯୋଗିତା ଆଇ.ଆଣ୍ଡ୍.ପି.ଆର୍

ଝାର୍‌ଖଣ୍ଡ୍‌ର ରାଂଚି ନ ହେଇଥିବା ଜାତୀୟ ବିଦ୍ୟାଳୟ ସମୂହ ୧୭ ବଛର୍‌ନୁ କମ୍ ତୀରନ୍ଦାଜ୍ ପ୍ରତିଯୋଗିତାଥି ଓଡ଼ିଶାର୍ ଛାତ୍ରଛାତ୍ରୀମାନେ ୧୦ ଟା ପଦକ୍ ଜିତିକରି ଓଡ଼ିଶାର୍ ଲାଗି ଗୌରବ୍ ଆନିଛନ୍ । ସେଥିର୍‌ଭିତ୍‌ରେ ୪ ଟା ସ୍ୱର୍ଣ୍ଣ, ୫ ଟା

ରୌପ୍ୟ ଆଉ ଗୁଟେ କାଂସ୍ୟ ପଦକ୍ ରହିଛେ । ମେଡ଼ାଲ୍ ତାଲିକାଥି ଓଡ଼ିଶା ଦଲ୍ ୨ ନମ୍ବର୍ ଠାନେ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଫେର୍‌ଘାଏ୍ ଶୀତ୍‌ର ପ୍ରଭାବ୍ ବଢ଼ିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିକରି ଶୀତ୍ ବଢ଼ିପାରେ । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ବୌଦ୍ଧ ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।